


# ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ-୨୦୧୨ (ସଂଶୋଧିତ-୨୦୧୭)

## ଓଡ଼ିଶା ରାଜ୍ୟ ଲୋକସେବା ଅଧିକାର ଅଧିନିୟମ- ୨୦୧୭

ସରକାର ଜନସାଧାରଣଙ୍କୁ ସରକାରୀ ସେବାଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଉପଲବ୍ଧ କରାଇବା ପାଇଁ ସଂକଳ୍ପବଦ୍ଧ । ଏଭଳି ଏକ ଜନହିତକର ପଦକ୍ଷେପ ସ୍ୱରୂପ ସରକାର ଓଡ଼ିଶା ଲୋକସେବା ଅଧିକାର ଆଇନ ୨୦୧୨ ପ୍ରଣୟନ କରିଥିଲେ । ପରବର୍ତ୍ତୀ ସମୟରେ ଏହି ସେବାର ପରିସର ବୃଦ୍ଧି କରିବା ଉଦ୍ଦେଶ୍ୟରେ ୨୦୧୫ ମସିହାରେ ଆହୁରି କିଛି ଆବଶ୍ୟକୀୟ ସେବା ଏଥିରେ ଅନ୍ତର୍ଭୁକ୍ତ କରିଥିଲେ । ଅତ୍ୟଧିକ ଦୁର୍ନୀତି, ବାରମ୍ବାର ହଇରାଣ, ସରକାରୀ ସେବା ପାଇବାରେ ସ୍ୱଚ୍ଛତା ଅଭାବରୁ ଜନତା ଓ ସରକାରଙ୍କ ମଧ୍ୟରେ ବ୍ୟବଧାନ ବଢ଼ିବାରେ ଲାଗିଛି ବୋଲି ହୃଦୟଙ୍ଗମ କରି ଏପରି ପରମ୍ପରା ଓ ଅଗଣତାନ୍ତ୍ରିକ ଅବ୍ୟବସ୍ଥା ବିରୋଧରେ ପଦକ୍ଷେପ ସ୍ୱରୂପ ଜନସାଧାରଣଙ୍କୁ ବିଭିନ୍ନ ସରକାରୀ ସେବା ସୁବିଧାରେ ଯୋଗାଇଦେବା ଉପରେ ଉତ୍ତମ ପ୍ରଶାସନ ଗୁରୁତ୍ୱ ଦେଇଥାଏ ।

ଓଡ଼ିଶା ଲୋକସେବା ଅଧିକାର ଆଇନ-୨୦୧୨ ଅନୁଯାୟୀ ସ୍ୱଚ୍ଛତା, ଦାୟିତ୍ୱବୋଧ ଓ ନିରୂପିତ ଅବଧି ମଧ୍ୟରେ ସରକାରୀ ସେବା ପ୍ରଦାନ ତ୍ୱରିତ ହୋଇପାରିବ । ସରକାରୀ ସେବା ଯୋଗାଇଦେବାରେ ଦୁର୍ନୀତିର ନିୟନ୍ତ୍ରଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଏହି ଆଇନ୍ ବଳରେ ଜନସାଧାରଣ ଲୋକସେବାକୁ ଏକ ଅଧିକାର ଭାବେ ଦାବି କରିପାରିବେ । ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସରକାରୀ ଅଧିକାରୀମାନେ ଏହି ସେବା ଯୋଗାଇ ନ ଦେଲେ ସେମାନଙ୍କ ବିରୋଧରେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି ।

୨୦୧୨ ମସିହା ଜୁନ୍ ୧୬ ତାରିଖ ଦିନ ରାଜ୍ୟ କ୍ୟାବିନେଟ୍‌ରେ ଓଡ଼ିଶା ଲୋକସେବା ଅଧିକାର ବିଧେୟକ-୨୦୧୨ ଆଗତ କରାଯାଇଥିଲା । ଚତୁର୍ଦ୍ଦଶ ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନରେ ଓଡ଼ିଶା ଲୋକସେବା ଅଧିକାର ଆଇନ-୨୦୧୨ ଆଗତ ହୋଇ ୨୦୧୨ ମସିହା ସେପ୍ଟେମ୍ବର ୬ ତାରିଖ ଦିନ ପାରିତ ହୋଇଥିଲା । ଓଡ଼ିଶା ରାଜପତ୍ରରେ ଏହି ଆଇନ୍‌ଟି ସେହି ବର୍ଷ ନଭେମ୍ବର ୧ ତାରିଖ ଦିନ ପ୍ରକାଶ ପାଇଥିଲା । ଏହାର ସବୁ ନିୟମାବଳୀ ୨୦୧୨ ମସିହା ଡ଼ିସେମ୍ବର ୭ ତାରିଖ ଦିନ ଓଡ଼ିଶା ରାଜପତ୍ରରେ ପ୍ରକାଶିତ ହୋଇଥିଲା ।

ପ୍ରଥମ ପର୍ଯ୍ୟାୟରେ ୭ଟି ବିଭାଗର ୩୪ଟି ସେବା ଏହି ଆଇନର ପରିସରଭୁକ୍ତ ହୋଇଥିଲା । ୨୦୧୩ ଜାନୁଆରୀ ମାସରେ ଏହି ୩୪ଟି ସେବା ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୨୦୧୩ ମସିହା ମାର୍ଚ୍ଚ ମାସରେ ଗୃହ ବିଭାଗର ଆଉ ୨୨ଟି ସେବା ଏହି ଆଇନରେ ସଂଯୁକ୍ତ ହୋଇଥିଲା । ୨୦୧୩ ମସିହା ଜାନୁଆରୀ ୧ ତାରିଖରେ ପ୍ରଥମ ୩୪ଟି ସେବା କାର୍ଯ୍ୟକାରୀ ହୋଇଥିବାବେଳେ ସେହିବର୍ଷ ମାର୍ଚ୍ଚ ୩୦ ତାରିଖରେ ଆଉ ୨୨ଟି ସେବା କାର୍ଯ୍ୟକାରୀ ହୋଇଥିଲା ।

ଏହି ଆଇନର କାର୍ଯ୍ୟକାରିତା ଓ ତଦାରଖ ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବା ନିମନ୍ତେ ସୂଚନା ଓ ଯୋଗାଯୋଗ କୌଶଳ (ଆଇ.ସି.ଟି.)କୁ ବ୍ୟବହାର କରାଯାଉଛି । ଏହି ଆଇ.ସି.ଟି. ବ୍ୟବସ୍ଥାର ମୁଖ୍ୟ ଅଂଶ ହେଉଛି - ସେବା ପ୍ରଦାନ ଓ ତଦାରଖ । ଦରଖାସ୍ତ ପ୍ରକ୍ରିୟାକରଣ, ହିତାଧିକାରୀମାନଙ୍କର ସୁବିଧା ପାଇଁ ଦକ୍ଷ ପ୍ରଯୁକ୍ତି ପରିଚାଳନା, ମାନବସମ୍ବଳ ସହିତ ଏକ ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ କାର୍ଯ୍ୟ କରୁଛି । ଏହି ପ୍ରକଳ୍ପ ତଦାରଖ ୟୁନିଟ୍ (ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ବା ପି.ଏମ୍.ୟୁ)ରେ ଜଣେ

ପ୍ରକଳ୍ପ ସଂଯୋଜକ, ଜଣେ ଉପ ପ୍ରକଳ୍ପ ସଂଯୋଜକ, ଜଣେ ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ (ଦକ୍ଷତା ବିକାଶ), ଦୁଇଜଣ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ଓ ଦୁଇଜଣ ସଫ୍ଟୱେୟାର ଇଂଜିନିୟର ଅଛନ୍ତି ।

ସୁଶାସନ ଓ ଉତ୍ତମ ଲୋକସେବା ପ୍ରଦାନ ନିମନ୍ତେ ପଞ୍ଜାବ, ଝାଡ଼ଖଣ୍ଡ, କେରଳ, ଉତ୍ତରପ୍ରଦେଶ ଢ଼ାଞ୍ଚାରେ ଓଡ଼ିଶା ଲୋକସେବା ଅଧିକାର ଆଇନ ପ୍ରସ୍ତୁତ କରାଯାଇଛି । ୨୦୧୩ ମସିହା ଜାନୁଆରୀ ୨ ତାରିଖ ଦିନ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ.ଆର.ଟି.ପି.ଏସ୍.ଏ.ର ଶୁଭ ଉଦ୍‌ଘାଟନ କରିଥିଲେ । ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ବିଭିନ୍ନ ସରକାରୀ ସେବାଗୁଡ଼ିକୁ ଉପଲବ୍ଧ କରାଇବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ।

ସରକାରୀ ବ୍ୟବସ୍ଥାରେ ଦୁର୍ନୀତିକୁ ରୋକିବା ଦିଗରେ ଓଡ଼ିଶା ଜନସେବା ଅଧିକାର ଆଇନ ଏକ ଅଭିନବ ପ୍ରୟାସ । ଏହି ଆଇନ ମାଧ୍ୟମରେ ଜନସାଧାରଣ ଠିକ୍ ସମୟରେ ସରକାରୀ ସେବା ପାଇବା ପାଇଁ ହକ୍‌ଦାର ଅଟନ୍ତି । ଯଦି ଆଇନ ଦ୍ୱାରା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସରକାରୀ ଅଧିକାରୀ ସେବା ଯୋଗାଇବାରେ ବିଫଳ ହୁଅନ୍ତି, ସେଥିପାଇଁ ମଧ୍ୟ ଦଣ୍ଡ ଭୋଗିବାର ପ୍ରାବଧାନ ରହିଛି । ଏହି ଆଇନ୍ ମାଧ୍ୟମରେ ଜଣେ ସାଧାରଣ ଲୋକ ତା'ର ଆବଶ୍ୟକୀୟ ସରକାରୀ ସେବା ପାଇବ । ତା'ର ଅଭିଯୋଗର ଶୁଣାଣି ହୋଇ ସମସ୍ୟାର ସମାଧାନ ସହଜ ଓ ସରଳ ଭାବରେ କରାଯିବ । ସରକାରଙ୍କ ଏହି ମହତ୍ ଆଭିମୁଖ୍ୟ ଦ୍ୱାରା ସାଧାରଣ ଲୋକ ଉପକୃତ ହୋଇପାରିବେ । ଏହି କାର୍ଯ୍ୟରେ ନୂତନ ବୈଷୟିକ ଜ୍ଞାନକୌଶଳର ବହୁଳ ବ୍ୟବହାର ଫଳରେ ମାନବସମ୍ବଳର ଆବଶ୍ୟକତା କମ୍ ହେବା ସହ କାର୍ଯ୍ୟ କରିବାର ଗତି ବୃଦ୍ଧିପାଇବ । ଖୁବ୍ କମ୍ ସମୟ ଆବଶ୍ୟକ ପଡ଼ିବ । ଏଥିରେ ଆବେଦନକାରୀଙ୍କୁ ତୁରନ୍ତ ପ୍ରାପ୍ତିସ୍ୱୀକାର ରସିଦ୍ ଯୋଗାଇ ଦିଆଯିବା ସହ ଦୈନିକ ଆବେଦନର ସଂଖ୍ୟା ଓ ସେଥିରୁ ହାସଲ କାର୍ଯ୍ୟ ସମ୍ପର୍କରେ ସବିଶେଷ ତଥ୍ୟ ଆକଳନ କରାଯାଇପାରିବ । ଏହି ନୂତନ ବ୍ୟବସ୍ଥାରେ ଆବେଦନକାରୀଙ୍କ ସଂଖ୍ୟା ବୃଦ୍ଧି ହେଲେ ବି ଖୁବ୍ ଶୀଘ୍ର ସେସବୁ ଆବେଦନ ସମ୍ପର୍କିୟ ତଥ୍ୟ ହାସଲ କରାଯାଇପାରିବ । ଓଡ଼ିଶା ଜନସେବା ଅଧିକାର ଆଇନ ଦ୍ୱାରା ଜନସାଧାରଣ ସାମୂହିକ ଭାବେ ଉପକୃତ ହୋଇପାରିବେ ।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଏ.ଆର୍) ବିଭାଗର ବିଜ୍ଞପ୍ତି ୧୨, ଅକ୍ଟୋବର ୨୦୧୭ ଅନୁସାରେ ନିମ୍ନମତେ ସରକାରୀ ବିଭାଗଗୁଡ଼ିକରେ ବିଭିନ୍ନ ସେବା ସୁବିଧା ଉପଲବ୍ଧିର ବ୍ୟବସ୍ଥା ରହିଛି । ରାଜ୍ୟବାସୀଙ୍କୁ ଏହିସବୁ ଲୋକସେବାଗୁଡ଼ିକର ସୁବିଧା ଗ୍ରହଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି ।

| ବିଭାଗ | ଉପଲବ୍ଧ ସେବା ସଂଖ୍ୟା |
|---|---|
| ବାଣିଜ୍ୟ ଓ ପରିବହନ | ୩୧ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ୩୧ |
| ଅର୍ଥ | ୭ |
| ଗୃହ | ୩୧ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୭ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | ୧ |
| ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ – | |
| ଓ ପଛୁଆବର୍ଗ କଲ୍ୟାଣ | ୩ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୨୬ |
| ବିଦ୍ୟାଳୟ ଓ ଗଣଶିକ୍ଷା | ୧୯ |

| | |
|---|---|
| ଉଚ୍ଚଶିକ୍ଷା | ୨୭ |
| ମତ୍ସ୍ୟ ଓ ପ୍ରାଣୀ ସମ୍ପଦ | ୧୭ |
| ଶିଳ୍ପ | ୭ |
| ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୨୯ |
| ଶ୍ରମ ଓ କର୍ମଚାରୀ ରାଜ୍ୟବୀମା | ୨୭ |
| ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ | ୩ |
| ଅବକାରୀ | ୩ |
| ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | ୩ |
| କୃଷି ଓ କୃଷକ ସଶକ୍ତିକରଣ | ୬ |
| ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା | ୭ |
| ସମବାୟ | ୧୧ |
| ଜଙ୍ଗଲ ଓ ପରିବେଶ | ୨୦ |
| ଖାଦ୍ୟ, ଯୋଗାଣ ଓ ଉପଭୋକ୍ତା କଲ୍ୟାଣ | ୬ |
| ପର୍ଯ୍ୟଟନ ଓ ସଂସ୍କୃତି | ୩ |
| ଶକ୍ତି | ୮ |

**ବିଭିନ୍ନ ସେବା ଉପଲବ୍ଧ ନିମନ୍ତେ ନିରୂପିତ ଅବଧି ମଧ୍ୟ ସ୍ଥିର କରାଯାଇଛି ।**

❖ ❖ ❖